# ବିକ୍ଷୋଭ ପରେ ରାତିରେ ରାମନବମୀ ପୂଜାକୁ ଅନୁମତି


ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶ୍ରୀରାମଙ୍କୁ ପୂଜା କରାଯାଉଛି।

ଅନୁଗୋଳ,୨୭।୩ (ଜ୍ୟୋତିରଞ୍ଜନ ସାହୁ)

ଗୋଷ୍ଠୀ ବିବାଦକୁ କେନ୍ଦ୍ରକରି ରାମ ନବମୀ ପାଳନକୁ ପ୍ରଶାସନ ଅନୁମତି ନ ଦେବାକୁ ନେଇ ଅନୁଗୋଳ ଜିଲା ଆମ୍ବପାଳ ଗାଁରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶୁକ୍ରବାର ସକାଳୁ ଶତାଧିକ ସଂଖ୍ୟାରେ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ବିକ୍ଷୋଭସ୍ଥଳରେ ପ୍ରଭୁ ଶ୍ରୀରାମଙ୍କ ଫଟୋ ପୂଜା କରିଥିଲେ। ଗ୍ରାମରେ ରାମନବମୀ ପାଳନ ପାଇଁ ପୂର୍ବରୁ ଅନୁମତି ଦିଆଯାଇଥିବାବେଳେ କାହିଁକି ପୂଜା ପୂର୍ବଦିନ ଅନୁମତି ପ୍ରତ୍ୟାହାର କରାଗଲା ବୋଲି ପ୍ରଶ୍ନ କରି ପ୍ରଶାସନ ବିରୋଧରେ ଗର୍ଜିଥିଲେ। ଏହାପରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ସହ ପୋଲିସ ଉପସ୍ଥିତିରେ ଗାଁରେ କେବଳ ରାମଙ୍କ ପୂଜା କରାଯାଇପାରିବ ବୋଲି କୁହାଯାଇଥିଲା। ତେବେ ପୂର୍ବପରି ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା।

ସୂଚନା ଅନୁଯାୟୀ, ୨୦୦୭ ମସିହାରେ ରାମ ନବମୀ ଶୋଭାଯାତ୍ରାକୁ ନେଇ ଆମ୍ବପାଳ ଗାଁରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏପରିକି ଭଙ୍ଗାରୁଜା ଓ ଜଳାପୋଡ଼ା ଘଟଣା ଘଟିଥିଲା। ପୋଲିସ ଓ ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଉକ୍ତ ଘଟଣାକୁ ନେଇ ଅନୁଗୋଳ

■ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାମଙ୍କ ଫଟୋ ପୂଜା

■ଗୋଷ୍ଠୀ ବିବାଦରୁ ଅନୁମତି ପ୍ରତ୍ୟାହାର କରିଥିଲା ପ୍ରଶାସନ

■ପୂର୍ବପରି ବନ୍ଦ ରହିଲା ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ

କୋର୍ଟରେ ମାମଲା ଚାଲିଥିବାବେଳେ ସେବେଠାରୁ ଗାଁରେ ରାମନବମୀ ପାଳନ ସହ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ତେବେ ଚଳିତବର୍ଷ ଗ୍ରାମର ଗୋଟିଏ ଗୋଷ୍ଠୀ ରାମନବମୀ ପାଳନ ସହ ଶୋଭାଯାତ୍ରା ପୁଣି ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିବାବେଳେ ଅନ୍ୟ ଗୋଷ୍ଠୀ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଥିଲା। ଏହାକୁ ନେଇ ଗତ ୧୯ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସମନ୍ୱୟ ବୈଠକ ବସିଥିଲା। ଗ୍ରାମରେ ରାମଙ୍କ ପୂଜା ଓ ଯାତ୍ରା ଏକତ୍ର କରିବାକୁ ଉଭୟ ପକ୍ଷଙ୍କୁ କୁହାଯାଇଥିଲା। ହେଲେ ଏହାକୁ ନେଇ ଗ୍ରାମରେ ବିବାଦ ଦେଖାଦେବାରୁ ମାର୍ଚ୍ଚ ୨୫ରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ପୂଜା ପାଇଁ ଅନୁମତି ମିଳିଥିଲେ ମଧ୍ୟ ରାମ ନବମୀ ଶୋଭାଯାତ୍ରାକୁ ପ୍ରଶାସନ ବନ୍ଦ କରିଥିଲା। ଏ ନେଇ ଯାତ୍ରା କମିଟି ସଭାପତି ବିଜୟ ମାଝୀ ଓ ଗ୍ରାମବାସୀ ସତ୍ୟ ନାରାୟଣ ମାଝୀ ଅଭିଯୋଗ କରିଛନ୍ତି, ପ୍ରଥମେ ଉପଜିଲାପାଳ ଶୃଙ୍ଖଳିତ ଭାବେ ଯାତ୍ରା ପାଳନ ପାଇଁ ଅନୁମତି ଦେଇଥିଲେ। କିନ୍ତୁ ପରେ ହଠାତ ତାହା ପରିବର୍ତ୍ତନ କରି ଯାତ୍ରା ବନ୍ଦ ନୋଟିସ ଜାରି କରାଯାଇଥିଲା। ଏହାକୁ ନେଇ ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି, ଘଟଣାସ୍ଥଳରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ଗାଁରେ ପୋଲିସ ସୁରକ୍ଷା ବ୍ୟବସ୍ଥାରେ ରାତିରେ ରାମ ନବମୀ ପାଳନ କରାଯିବ ଓ ଶୋଭାଯାତ୍ରା ହୋଇପାରିବ ନାହିଁ ବୋଲି କୁହାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ସହ ଫୋନ୍‌ରେ କଥାହେଲେ ଏମ୍‌ପି

ତାଳଚେର,୨୭।୩ (ମନୋଜ ନନ୍ଦ)

କୋଲ୍ ଇଣ୍ଡିଆ ଅଧ୍ୟକ୍ଷ ବି. ସାଇରାମ ଶୁକ୍ରବାର ତାଳଚେର ଗସ୍ତ କରିଥିବା ବେଳେ ଦିଲ୍ଲୀରେ ଥିବା ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଫୋନ ଯୋଗେ କଥା ହୋଇ ତାଳଚେରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ସମାଧାନ କରିବାକୁ କହିଥିଲେ। ତାଳଚେରରେ ବହୁବାର ମାଟି ଦବିବା ଘଟଣା ବିଷୟରେ ଏମ୍‌ପି ପୂର୍ବରୁ କୋଇଲା ମନ୍ତ୍ରୀ, ଡିଜିଏମ୍‌ଏସ୍‌ଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ କାର୍ଯ୍ୟ କରିବାକୁ କହିଥିଲେ। ତାଳଚେରରେ ଏକ ନୂତନ କୋଇଲା କମ୍ପାନୀ ବ୍ରାହ୍ମଣୀ କୋଇଲା କମ୍ପାନୀ ପ୍ରତିଷ୍ଠା କରିବାକୁ ଏମ୍‌ପି ଦାବି କରିଥିଲେ। ତାଳଚେରରେ ଜମିହରା ଲୋକଙ୍କ ସମସ୍ୟା ଥଇଥାନ ଓ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ସମାଧାନ କରିବା ଦିଗରେ ଏମ୍‌ସିଏଲ୍‌କୁ ନିର୍ଦ୍ଦେଶ ଦେବା ପାଇଁ ଏମ୍‌ପି କହିଥିଲେ। ଏକ ମାଷ୍ଟର ପ୍ଲାନ କରି ସମଗ୍ର ତାଳଚେର ତଥା ଅନୁଗୋଳ ଜିଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବାର ଯୋଜନାକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ପ୍ରତି ୩ ମାସରେ ଥରେ ତାଳଚେର ଅଞ୍ଚଳକୁ ଗସ୍ତ କରି କୋଇଲା କ୍ଷେତ୍ର ବୁଲିବା ସହ ତାଳଚେରର ବିକାଶମୂଳକ କାର୍ଯ୍ୟ ଏବଂ କ୍ଷତିଗ୍ରସ୍ତ ଲୋକଙ୍କ ସମସ୍ୟା ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଏମ୍‌ପି ପାଣି ଫୋନ ଯୋଗେ କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କୁ କହିଥିଲେ।

## ଗାଡ଼ି ସହ ଏଟିଏମ୍ କାର୍ଡ ଲୁଟ୍

ସନ୍ତ୍ରୀଛକ,୨୭।୩ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଫୁଲପଡ଼ା ଛକ ନିକଟରେ ଗୁରୁବାର ରାତି ୧୨ଟାରେ ବାଇକ୍ (ନଂ. ଓଡିଓ୫ଏ-୪୩୬୬) ଆରୋହୀ ମୂଷାପାପୁଲି ଗାଁର କାହ୍ନା ପ୍ରଧାନ ଲୁଟ୍‌ର ଶିକାର ହୋଇଥିବା ବଅଁରପାଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କାହ୍ନା ଶ୍ୱଶୁର ଘର କଂସରା ଫେରୁଥିବାବେଳେ ୪ ଜଣ ଦୁର୍ବୃତ୍ତ ତାଙ୍କୁ ଭୟଭୀତ କରି ଗାଡ଼ି ସହ ଏଟିଏମ୍ କାର୍ଡ ଲୁଟି ନେଇଥିଲେ। ମାରଣାସ୍ତ୍ର ଦେଖାଇ ତାଙ୍କୁ ଧମକ ଦେବା ସହ ଏଟିଏମ୍ ପିନ୍ ନମ୍ବର ମାଗିଥିଲେ। ଜୀବନ ବଞ୍ଚାଇବା ପାଇଁ ପିନ୍ ନମ୍ବର ଦେବା ପରେ ଦୁର୍ବୃତ୍ତମାନେ ତାଙ୍କ ଗାଡ଼ି, ଏଟିଏମ୍ କାର୍ଡ ଓ ମୋବାଇ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୯.୯୦୦ ଟଙ୍କା ଉଠାଯାଇଥିଲା। ଅଭିଯୋଗ ପାଇ ମହୀଧରପୁର ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ନମ୍ବର ୧୮୭/୨୬ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

## ଝିଅମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେବା ଜରୁରୀ

ଆଠମଲ୍ଲିକ,୨୭।୩(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଗତ ୭ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିଲୋଚନ ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସିଡିପିଓ ତରଙ୍ଗିଣୀ ମିର୍ଦ୍ଧା, ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଦୀପେଶ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଥାନା ଅଧିକାରୀ ବିକାଶ କୁମାର ସାମଲ ଯୋଗଦେଇ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ସମସ୍ତଙ୍କୁ ସଶକ୍ତ କରିଥାଏ। ପରିବର୍ତ୍ତିତ ସମୟରେ ଝିଅମାନେ ସଶକ୍ତ ଓ ସ୍ୱାବଲମ୍ବୀ ହେବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ପ୍ରଶିକ୍ଷିକା ଭାବେ ତନୁଶ୍ରୀ ବଘାର, କାର୍ଯ୍ୟକାରୀ ଅଧିକାରୀ ଭାବେ ପୁନମ ସାହୁ, ପ୍ରବୀଣା ସାହୁ, ପ୍ରିୟଦର୍ଶିନୀ ଭୋକ୍ତା, ଅଭିଲିପ୍ସା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, ଗଗନ କୁମାର ମିଶ୍ର, ବ୍ରଜ ଗୋପାଳ ମିଶ୍ର, ଗୋପବନ୍ଧୁ ପ୍ରଧାନ, ମାନଭଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

## ରକ୍ତଦାନ, କୁମାରୀ ପୂଜନ ଓ ସାମୂହିକ ଦାଣ୍ଡିଆ କାର୍ଯ୍ୟକ୍ରମ


ଅତିଥିଙ୍କ ଉପସ୍ଥିତିରେ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଅନୁଗୋଳ,୨୭।୩(ଦିବ୍ୟଶାନ୍ତନୁ ନାଥ)

**ଅମଲାପଡ଼ା ବାସନ୍ତୀ ଦୁର୍ଗାପୂଜା**

ଅନୁଗୋଳ ଅମଲାପଡ଼ାଠାର ବାସନ୍ତୀ ଦୁର୍ଗାପୂଜା ପାଳନ ଅବସରରେ ଶୁକ୍ରବାର ମହା ନବମୀରେ ସୂର୍ଯ୍ୟପୂଜା, କଳସ ପୂଜା, ଚଣ୍ଡୀ ହୋମ ଓ ନବ କୁମାରୀ ପୂଜା ଅନୁଷ୍ଠିତ ହୋଇଥିଲା। ୯ ଜଣ କୁମାରୀ କନ୍ୟାଙ୍କୁ ଦେବୀ ଦୁର୍ଗାଙ୍କ ଅବତାର ରୂପେ ଚିତ୍ରଣ କରାଯାଇ ଏହି ପୂଜା କରାଯାଇଥିଲା। ଏଥିସହ ବାସନ୍ତୀ ପାଠାଗାର ପରିସରରେ ଅନୁଗୋଳ ପୂର୍ବତନ ସୈନିକ ସଂଘ ଓ ବାସନ୍ତୀ ଭଲିବଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରୁ ମୋଟ ୫୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଂଘ ସଭାପତି ଅନିଲ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏବଂ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ବରିଷ୍ଠ ସଦସ୍ୟ ପ୍ରଶାନ୍ତ ମିଶ୍ର, ଅଦିତ ମହାନ୍ତି, ପି.କେ. ସାହୁ, ବି. କେ. ସାହୁ ପ୍ରମୁଖଙ୍କ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ପୂଜାକମିଟି ପକ୍ଷରୁ ସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ଉପ ସଭାପତି ଯତୀନ ସେଠୀ, ସମ୍ପାଦକ ଅନୂପ ମହାନ୍ତି, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନ, ତାପସ ରାୟଙ୍କ ସମେତ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତା ଓ ଶଶାଙ୍କ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ରିତେଷ ଦଳବେହେରା, ବାପି ଦାସ, ସୌମ୍ୟ ଦାସ, ଗୁଲୁ ମହାନ୍ତି, ଶିବରାଜ ପ୍ରଧାନ, ପ୍ରତାପ ମାଝୀ, ମନୁ ପ୍ରଧାନ, ବିଜୁ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବଅଁରପାଳ,୨୭।୩ (ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଟେଣ୍ଟୋଇ ଗ୍ରାମରେ ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ ହୋଇଥିବା ବଅଁରପାଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୨୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟାରେ ଟେଣ୍ଟୋଇ ଗ୍ରାମର ଶ୍ରୀକାନ୍ତ ନାଏକ (୨୫) ଘରେ ନ ଥିବାବେଳେ ସେହି ଗ୍ରାମର ଗୋବିନ୍ଦ ନାଏକ ଓ ଲକ୍ଷ୍ମଣ ନାଏକ ପହଞ୍ଚି ତାଙ୍କ ବାପାଙ୍କୁ ଗାଳିଗୁଲଜ କରିଥିଲେ। ଘର ଛାଡି ପଳାଇଯିବାକୁ ଧମକ ଦେଇଥିଲେ। ପରଦିନ ସକାଳ ପ୍ରାୟ ୧୦ଟାରେ ଶ୍ରୀକାନ୍ତ ଏ ବିଷୟରେ ପଚାରିବାରୁ ଗୋବିନ୍ଦ, ଲକ୍ଷ୍ମଣ ଓ ଟେମୁ ନାଏକ ମିଶି ତାଙ୍କୁ ଗାଳି ସହ ଧମକ ଦେଇଥିଲେ। ପରେ ଗୋବିନ୍ଦ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହାପରେ ଆକ୍ରମଣକାରୀମାନେ ପରେ ଶ୍ରୀକାନ୍ତଙ୍କ ଘରକୁ ଯାଇ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା ଧମକ ଦେଇଥିଲେ। ପୋଲିସ ନଂ ୧୮୬/୨୬ରେ ମାମଲା ରୁଜୁ କରିଥିବାବେଳେ ଏଏସ୍ଆଇ ଲକ୍ଷ୍ମଣ ମାଝୀ ଘଟଣାର ତଦନ୍ତ କରୁଛନ୍ତି।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଦାବିପତ୍ର



ହାଣ୍ଡିଧୁଆଁ ନିକଟସ୍ଥ ରେଳଷ୍ଟେଶନଠାରେ ବିଧାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

ତଳଚେର ୨୭।୩(ମନୋଜ ନନ୍ଦ)

ଦିନିକିଆ ତାଳଚେର ଗସ୍ତରେ ଆସିଥିବା ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କୁ ହାଣ୍ଡିଧୁଆଁ ନିକଟସ୍ଥ ରେଲୱେ ଷ୍ଟେଶନଠାରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସାକ୍ଷାତ କରି ତାଳଚେର ଏବଂ ଅନୁଗୋଳ ଜିଲାରେ ରେଳ ଭିତ୍ତିଭୂମିର ଉନ୍ନତି ପାଇଁ ୮ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିଗୁଡ଼ିକ ହେଉଛି, ତାଳଚେର-ଅନୁଗୋଳ ସିଧାସଳଖ ରେଳ ସଂଯୋଗ, ତାଳଚେର ରେଳ ଷ୍ଟେଶନର ଆଧୁନିକୀକରଣ, ପୁରୀ-ତାଳଚେର ପାସେଞ୍ଜର ଟ୍ରେନର ଏନ୍‌ଟିପିସି କଣିହାଁ ପର୍ଯ୍ୟନ୍ତ ସମ୍ପ୍ରସାରଣ, ବନ୍ତୋଲ ରେଳକ୍ରସିଂ ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ସୁରକ୍ଷିତ ଯାତାୟାତ ପାଇଁ ବ୍ରିଜ ନିର୍ମାଣ, ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ତାଳଚେରରୁ ପାଲଲହଡ଼ା ପର୍ଯ୍ୟନ୍ତ ଟ୍ରେନ୍ ସେବା ଆରମ୍ଭ କରାଯାଉ। ବନ୍ତୋଲ ରେଳ କ୍ରସିଂରୁ ଆନନ୍ଦ ବଜାର ପର୍ଯ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ଅନୁମତି, ତାଳଚେର ଷ୍ଟେଶନରୁ ଘଣ୍ଟପଡ଼ା ଏବଂ ବନ୍ତୋଲ ପର୍ଯ୍ୟନ୍ତ ସିସି ରାସ୍ତାର ସମ୍ପ୍ରସାରଣ କରାଯାଉ, କୋଇଲାବାହୀ ୱାଗନକୁ ତାରପୋଲିନରେ ଘୋଡ଼ାଇବା। ଏହି ଦାବିପତ୍ର ପ୍ରଦାନ ବେଳେ ବିଜେଡିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ପାଲଲହଡ଼ା ମହୋତ୍ସବ ପାଇଁ ମଶାଲ ଯାତ୍ରା


ପାଲଲହଡ଼ା ବିଧାୟକ ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

କଣିହାଁ,୨୭।୩(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁରସ୍ଥିତ ମା' କନକେଶ୍ୱରୀ ପୀଠରୁ ପାଲଲହଡ଼ା ମହୋତ୍ସବ ନିମନ୍ତେ ଶୁକ୍ରବାର ସକାଳୁ ପୂଜାର୍ଚ୍ଚନା ହୋଇ ମଶାଲ ଯାତ୍ରା ଶୁଭାରମ୍ଭ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ପୂଜାର୍ଚ୍ଚନା ପରେ ଏହି ମଶାଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ପାଲଲହଡ଼ା ମହୋତ୍ସବ ପାଇଁ ନିର୍ବାଚନମଣ୍ଡଳୀର ପ୍ରାୟ ୭ଟି ଶୈବପୀଠରୁ ମଶାଲ ଶୋଭାଯାତ୍ରା ଯାଇଥିବା ଜଣାପଡିଛି।

## ମହୀଧରପୁରରେ ରାମନବମୀ ଉତ୍ସବ

ସନ୍ତ୍ରୀଛକ, ୨୭।୩ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ମହୀଧରପୁର ଓ ଏହାର ଆଖପାଖ ଅଞ୍ଚଳରେ ରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ମଠ, ମନ୍ଦିର ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୀଧରପୁର ସ୍ଥିତ ବାବା ଚିନ୍ତାମଣି ମହାରାଜଙ୍କ ଦିବ୍ୟ ସନାତନ ମଠ, ବନଦୁର୍ଗା ଗୌଡ଼ୀୟ ମଠ, ମହୀଧରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତଳମୂଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦି ସ୍ଥାନରେ ରାମନବମୀ ଉତ୍ସବ ପାଳିତ ହୋଇଥିଲା। ମହୀଧରପୁର ସନାତନ ମଠର ମଠାଧୀଶ କାଳନ୍ଦୀ ଚରଣ ଦାସ ଏବଂ ସଭାପତି ବିନୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହୋଇଯାଇଛି। ସନାତନ


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ମଠସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ପ୍ରବଚନ, ଏବଂ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଶିଶୁ ମନ୍ଦିରର କୁନି କୁନି ପିଲାମାନେ ରାମ, ଲକ୍ଷ୍ମଣ, ସୀତା, ଭରତ, ଶତ୍ରୁଘ୍ନ ଏବଂ ଶବରୀ ବେଶରେ ଗ୍ରାମ ପରକ୍ରମା କରିଥିଲେ। ମଠ ମହନ୍ତ ବାବା କାଳନ୍ଦୀ ଚରଣ ଦାସ, ଆଚାର୍ଯ୍ୟ ସନ୍ଥ ରାମଜୀ ମହାରାଜ, ବ୍ରହ୍ମଚାରୀ ପଞ୍ଚାନନ ଦାସ ମହାରାଜ ପ୍ରମୁଖ ବିଭିନ୍ନ ମଠର ୧୦ରୁ ଅଧିକ ମହନ୍ତ ଯୋଗଦାନ କରିଥିଲେ। ମହୀଧରପୁରର ଜନସାଧାରଣ ସହଯୋଗ କରିଥିଲେ।

## ଶିଖରୀ କଳସ, ଧ୍ୱଜା ସ୍ଥାପନ

ଆଠମଲ୍ଲିକ,୨୭।୩(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହର ସ୍ଥିତ ପୋଲିସ ବନ୍ଧ ନିକଟରେ ନବ ନିର୍ମିତ ରଘୁନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ପଞ୍ଚମ ଦିବସରେ ସର୍ବ ଦେବଦେବୀ ପୂଜା, ଶ୍ରୀରାମଙ୍କ ଷୋଡଶ ଉପଚାର ପୂଜା, ସର୍ବ ଦେବଦେବୀ ଯଜ୍ଞ, ଶିଖରୀ କଳସ ଓ ଧ୍ୱଜା ସ୍ଥାପନ ସହ ପୂର୍ଣ୍ଣାହୁତି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ସନ୍ତୋଷ ହୋତା, ନିହାର ହୋତା, ଚିରଞ୍ଜୀବ ମିଶ୍ର, ମନୀଷା ହୋତା, ସୁଶାନ୍ତ ହୋତା, କଲ୍ୟାଣୀ ହୋତା, ସାରଦା ପ୍ରସାଦ ସିଂହସାମନ୍ତ, ସରିତା ସିଂହସାମନ୍ତ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ। ପୂଜକ ଭାବେ ବ୍ରହ୍ମା ମନୋଜ ଦାଶ, ପୁସ୍ତକାଚାର୍ଯ୍ୟ ପୁରଞ୍ଜନ ଚାନ୍ଦ, ଆଚାର୍ଯ୍ୟ ସନୋଜ କୁମାର ଦାଶ, ପୁସ୍ତକାଚାର୍ଯ୍ୟ



ମଧୁ ଷଡ଼ଙ୍ଗୀ ଓ ସୁପକାର ଭାବେ ଆଶିଷ ହୋତା ଦାୟିତ୍ୱ ତୁଲାଇଥିଲେ। ସେବକ ଭାବେ ଦୁଷ୍ମନ୍ତ ମହାପାତ୍ର, ଜ୍ଞାନ ରଞ୍ଜନ ପ୍ରଧାନ, ବିଜୟାନନ୍ଦ ପ୍ରଧାନ, ସିଦ୍ଧାର୍ଥ କ୍ଷେତି, ଅବନୀ ପ୍ରଧାନ, ଗୋକୁଳା ପ୍ରଧାନ, ବିରଞ୍ଚି ଦେହୁରୀ, ରମେଶ ମହାଲିକ, ପୁଟୁ ଗାଇଗରିଆ, ସନ୍ତୋଷ ଭୋଇ, ରବି ନାରାୟଣ ଦାଶ, ରଞ୍ଜନ ମାହାର , ସଂକୀର୍ତ୍ତନ ମେଣ୍ଢୁଳି, ଜ୍ଞାନ ରଞ୍ଜନ ପ୍ରସାଦଙ୍କ ସମେତ ଅନେକ ରାମଭକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନବନିର୍ମିତ ମନ୍ଦିର ଓ ନୂତନ ଭାବରେ ପ୍ରତିଷ୍ଠା ହୋଇଥିବା ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ମାତା ସୀତା ଓ ଶ୍ରୀ ହନୁମାନଙ୍କୁ ବହୁ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ।

## ଇସ୍କନ ମନ୍ଦିରରେ ରାମନବମୀ

ଅନୁଗୋଳ,୨୭।୩ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଇସ୍କନ ମନ୍ଦିରରେ ଶୁକ୍ରବାର ରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ସକାଳେ ଶ୍ରୀ ରାଧା ଶ୍ୟାମସୁନ୍ଦର, ଶ୍ରୀ ଗୌର ନିତାଇ ଏବଂ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜଗନ୍ନାଥ ଓ ବଳଭଦ୍ର ରାମ-ଲକ୍ଷ୍ମଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ବୃନ୍ଦାବନର ସନ୍ନ୍ୟାସୀ ଶ୍ରୀମଦ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜଙ୍କ ଦ୍ୱାରା ଶ୍ରୀରାମଚନ୍ଦ୍ରଙ୍କ ଲୀଳା କଥା ପ୍ରସ୍ତୁତ କରାଯାଇଥିଲା। ୨୦୨୫-୨୬ରେ ଅଂଶଗ୍ରହଣ କରିଥିବା ଭକ୍ତମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଶ୍ରୀଜୀଉଙ୍କୁ ୫୬ ଭୋଗ ଅର୍ପଣ ସହ ମଧ୍ୟାହ୍ନ ଆଳତି ଅନୁଷ୍ଠିତ ହୋଇଥିଲା। ସଭାପତି ବରଦ କୃଷ୍ଣ ଦାସ, ଉପସଭାପତି ପୁରୁଷୋତ୍ତମ ଦାସ ଓ ମନ୍ଦିର ସେବା ପ୍ରବନ୍ଧକ ମଥୁରାନାଥ ଦାସଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା।


ଅନୁଗୋଳ ସହର ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଶୁକ୍ରବାର ନବରାତ୍ରିରେ ଦାଣ୍ଡିଆ ନୃତ୍ୟ। (ଫଟୋ- ବୁବୁ)





# ଏଆଇ ମଣିଷ ବୁଦ୍ଧିମତ୍ତାର ସମକକ୍ଷ ହୋଇପାରିବ ନାହିଁ

## ଆଇଆଇଏମ୍‌ସିରେ ପିଆର୍ ସମ୍ମିଳନୀ



**ଢେଙ୍କାନାଳ,୨୭।୩(ରତନ ନାୟାର)**

ଢେଙ୍କାନାଳ ଆଇଆଇଏମ୍‌ସି ପରିସରରେ ଏକ ଦିବସୀୟ ପବ୍ଲିକ ରିଲେଶନ ସମ୍ମିଳନୀ, ସ୍ମାର୍ଟ ଭଏସ୍ ସମ୍ମିଟ୍-୨୦୨୬ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଏଆଇ ଯୁଗରେ ଲୋକ ସମ୍ପର୍କ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଅଧ୍ୟକ୍ଷତା କରି ପ୍ରାରମ୍ଭିକ ବକ୍ତବ୍ୟ ରଖି ଏଆଇର ଉପଯୋଗିତା ଓ ଦୁରୁପଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଓଡିଶା ମାଇନିଙ୍ଗ୍ କର୍ପୋରେଶନ ଲିମିଟେଡ୍‌ର କର୍ପୋରେଟ୍ କମ୍ୟୁନିକେଶନ ଡେପୁଟି ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ସେଠୀ ଓ ଜିଓ କର୍ପୋରେଟ କମ୍ୟୁନିକେଶନ ଓଡ଼ିଶା ମୁଖ୍ୟ ଜୟକୃଷ୍ଣ ମହାପାତ୍ର ଯୋଗଦେଇ କହିଥିଲେ, କୃତ୍ରିମ ବୁଦ୍ଧିମତ୍ତାକୁ ଗୁଣାତ୍ମକ ପିଆର ପାଇଁ ବ୍ୟବହାର କରିହେବ। କିନ୍ତୁ ଏହା କେବେହେଲେ ମଣିଷ ବୁଦ୍ଧିମତ୍ତାର ସମକକ୍ଷ ହୋଇପାରିବ ନାହିଁ। ଏଆଇ ଦ୍ୱାରା ଆଧୁନିକ ଡିଜାଇନ୍, କଣ୍ଟେଟ କ୍ରିଏଶନ, ସମୟୋପଯୋଗୀ ଭିଡିଓ, ଭଏସ ଓଭର, ଅଟୋମେଟେଡ୍ ଡାଟା ବିଶ୍ଳେଷଣ ଆଦି କରିବା ସହଜ ହେଉଥିବା ବେଳେ ମଣିଷ ଦ୍ୱାରା ସୃଜନଶୀଳ କାର୍ଯ୍ୟ ଏହାଦ୍ୱାରା କରିବା ସମ୍ଭବ ନୁହେଁ । ଏହାଦ୍ୱାରା ମିଳୁଥିବା ତଥ୍ୟ ଓ ସୂଚନା ଆଖିବୁଜି ବିଶ୍ୱାସ କରିହେବନି । ଏଣୁ ନିଜସ୍ୱ ଲେଖା ଓ କଣ୍ଟେଟ ପାଇଁ ସମୟ ଖର୍ଚ୍ଚ କରିବା ସହ ଦକ୍ଷ ହେବାକୁ ପଡ଼ିବ ବୋଲି ଅତିଥିମାନେ ମତ ରଖିଥିଲେ । ଏଆଇର ଲୋକଙ୍କ ଭିତରେ ରହିଥିବା ସୃଜନଶୀଳତାକୁ ନଷ୍ଟ କରିଦେଉଛି । ଏହାଛଡା ସସ୍‌ଟେନେବୁଲ କମ୍ୟୁନିକେଶନ, ଗ୍ରୀନ ପିଆର, କ୍ରାଇସିସ କମ୍ୟୁନିକେଶନ, ଗୁଜବ, ମିଥ୍ୟା ଖବର ଆଦି ଉପରେ ମଧ ପ୍ୟାନେଲିଷ୍ଟ ଆଲୋଚନା କରିଥିଲେ। ଏହି ଅବସରରେ ଏଆଇ ସମ୍ପର୍କିତ ପ୍ରଶ୍ନୋତ୍ତର ପର୍ଯ୍ୟାୟ ହୋଇଥିଲା । ଅପରାହ୍ନରେ ଆୟୋଜିତ ଅଧିବେଶନରେ ପ୍ୟାନେଲିଷ୍ଟ ଭାବେ ଟାଟାଷ୍ଟିଲ ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଶୁଭ୍ରାଂଶୁ ଶେଖର ପଣ୍ଡା, ଜିନ୍ଦଲ ଷ୍ଟିଲ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ସଞ୍ଜୟ ସାହୁ, ଜିନ୍ଦଲ ଗ୍ରୁପ କର୍ପୋରେଟ ଆଫେୟାର୍ସ ଜେନେରାଲ ମ୍ୟାନେଜର ସୁଦ୍ଧିରଞ୍ଜନ ମିଶ୍ର ପ୍ରମୁଖ ଓଡ଼ିଆ ଓ ଇଂଲିଶ ସାମ୍ବାଦିକତା ଏବଂ ସିସିବିଏମ୍ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଆଲୋକପାତ କରି କଣ୍ଟେଟର ମୌଳିକତା, ସକ୍ରିୟତା, ଗୁଣବତ୍ତା, ଦକ୍ଷତା ଓ ଫଳାଫଳ ନିମନ୍ତେ ଏଆଇର ସଫଳ ବ୍ୟବହାର କରିହେବ ବୋଲି ପରାମର୍ଶ ଦେଇଥିଲେ। କର୍ପୋରେଟ କମ୍ୟୁନିକେଶନ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ପାରସ ଯାଦବ ଓ ଆଭା ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆଇଆଇଏମ୍‌ସିର ଓଏସ୍‌ଡି ସତ୍ୟ ନାରାୟଣ ପଟ୍ଟନାୟକ, ଆସିଷ୍ଟାଣ୍ଟ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ୍, ଡ. ଚିରସ୍ରୋତା ଜେନା, ଏକାଡେମିକ ଆସୋସିଏଟ୍ ହରେକୃଷ୍ଣ ପ୍ରଧାନ ଓ ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ସମସ୍ତ ବିଭାଗର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସିଦ୍ଧ ବଳରାମଙ୍କ ମନ୍ଦିର ପରିସରରେ ଶ୍ରୀରାମ ନବମୀ

**ଢେଙ୍କାନାଳ,୨୭।୩(ରତନ ନାୟାର)**

ଢେଙ୍କାନାଳ ସହର କୈବଲ୍ୟ ବଜାରସ୍ଥିତ ଶ୍ରୀଶ୍ରୀ ସିଦ୍ଧ ବଳରାମଙ୍କ ମନ୍ଦିର ପରିସରରେ ଶୁକ୍ରବାର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ମନ୍ଦିର ପରିସରରେ ଥିବା ମନ୍ଦିରରେ ଶ୍ରୀରାମ ସେବା ସଦନ ପକ୍ଷରୁ ଊନବିଂଶ ବାର୍ଷିକ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଥିଲା। ଏହି ଉପଲକ୍ଷେ ପ୍ରାତଃକାଳରୁ ସୂର୍ଯ୍ୟପୂଜା ଓ ନାମଯଜ୍ଞ, ପରେ ମଙ୍ଗଳାରୋପଣ ହୋଇଥିଲା।



ସକାଳ ୭ଟାରେ ରାମାୟଣ ପାଠ ଆରମ୍ଭ ହୋଇଥିଲା । ସକାଳ ୯ଟାରେ ଶ୍ରୀଜୀଉମାନେ ସ୍ୱର୍ଣ୍ଣରୌପ୍ୟ ଅଳଙ୍କାର ଲାଗି ରାଜାରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଇଥିଲେ । ମଧ୍ୟାହ୍ନ ୧୨ଟାରେ ଶ୍ରୀରାମ ଅଭିଷେକ ଅନୁଷ୍ଠିତ ହେବା ସହିତ ସନ୍ଧ୍ୟା ୭ଟାରେ ଆଳତୀ ଏବଂ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାତି ୮ଟାରେ ପ୍ରସାଦ ସେବନରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲେ ।

# ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ମହାପ୍ରଭୁ ଶ୍ରୀରାମ



ସପ୍ତଶଯ୍ୟାସ୍ଥିତ ଶ୍ରୀଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର।

## ସପ୍ତଶଯ୍ୟାରେ ରାମନବମୀ

**ଢେଙ୍କାନାଳ,୨୭।୩(ରତନ ନାୟାର)**

ରାଜ୍ୟ ତଥା ଢେଙ୍କାନାଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସବୁଜିମା ସପ୍ତଶଯ୍ୟାରେ ଶୁକ୍ରବାର ଶ୍ରୀରାମ ନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୀଠସ୍ଥିତ ରଘୁନାଥଜୀଉ ମନ୍ଦିରରେ ସକାଳୁ ଠାକୁରଙ୍କ ନୀତିକାନ୍ତି ଶେଷହେବା ପରେ ପୂର୍ବାହ୍ନ ସାଢେ ୧୧ଟା ସମୟରେ ରାମଜନ୍ମ ପୂଜା ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ଶ୍ରୀରାମ, ମାତା ସୀତା ଓ ଭାଇ ଲକ୍ଷ୍ମଣ ରାଜରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ । ସେହିପରି ଶ୍ରୀହନୁମାନ ଜୀଉଙ୍କଠାରେ ମଧ ପୂଜାର୍ଚ୍ଚନା ହୋଇଥିଲା । ଏହି ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇ ପୂର୍ଣ୍ଣାହୁତି ହୋଇଥିଲା। ଅପରାହ୍ନରେ ରାଜ ପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂହଦେଓ ପୀଠକୁ ଯାଇ ଶ୍ରୀଜୀଉଙ୍କର ପୂଜାର୍ଚ୍ଚନା କରି ଦର୍ଶନ କରିଥିଲେ । ରାମ ନବମୀ ଉପଲକ୍ଷେ ପ୍ରସାଦ ସେବନରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଚଳିତବର୍ଷ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁ ପୀଠରେ ସମାଗମ ହୋଇଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସୂତ୍ରରୁ ଜଣାପଡିଛି ।

# ସାଇ ପାଇଁ ଚୟନ ହେଲେ ଢେଙ୍କାନାଳର ଆରେନ୍



## ବ୍ୟାଡମିଣ୍ଟନ ପାଇଁ ନେବେ ପ୍ରଶିକ୍ଷଣ

**ଢେଙ୍କାନାଳ,୨୭।୩(ରତନ ନାୟାର)**

ଢେଙ୍କାନାଳର ବ୍ୟାଡମିଣ୍ଟନ ଖେଳାଳି ଆରେନ ପୃଷ୍ଟି ଚଳିତବର୍ଷ ୧୧ବର୍ଷରୁ କମ ବୟସ ବର୍ଗରେ ସ୍ପୋର୍ଟସ୍ ଅଥୋରିଟି ଅଫ ଇଣ୍ଡିଆ (ସାଇ) ପାଇଁ ଚୟନ ହୋଇଛନ୍ତି । ସେ ସାଇ ହଷ୍ଟେଲରେ ରହି ବ୍ୟାଡମିଣ୍ଟନ ପାଇଁ ପ୍ରଶିକ୍ଷଣ ନେବେ। ଆରେନ ଢେଙ୍କାନାଳ ଜିଲା ବ୍ୟାଡମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଥିଲେ । ଏହି ସଫଳତା ପାଇଁ ସେ ଏକାଡେମୀର ମୁଖ୍ୟ କୋଚ୍ ମଳୟ ପଟ୍ଟନାୟକ ଓ ନିଜର ପରିବାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଜିଲା ବ୍ୟାଡମିଣ୍ଟନ ଏକାଡେମୀ ପକ୍ଷରୁ ଆରେନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି । ଜିଲା ବ୍ୟାଡମିଣ୍ଟନ ଏକାଡେମୀର ଆରେନଙ୍କ ସମେତ ୬ଜଣ ଖେଳାଳି ସାଇରେ ପ୍ରଶିକ୍ଷଣ ନେଉଥିବା ସୂଚନା ଦିଆଯାଇଛି। ଆରେନ କାମାକ୍ଷାନଗର ବିଏସ୍‌ଏନ୍‌ଏଲ୍‌ରେ ଏସ୍‌ଡିଓ ଥିବା ଉମାକାନ୍ତ ପୃଷ୍ଟି ଓ ମାତା କାଦମ୍ବିନୀ ପୃଷ୍ଟିଙ୍କ ପୁତ୍ର ଅଟନ୍ତି । ଆରେନଙ୍କର ଏହି ସଫଳତା ଉଭୟ ବାପା,ମା ଖୁସି ବ୍ୟକ୍ତ କରିଛନ୍ତି ।

# ପାଟରପଦା ପଞ୍ଚାୟତରେ ରାମନବମୀ ପାଳିତ



**ପରଜଙ୍ଗ, ୨୭।୩ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ଗ୍ରାମରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଭଗବାନ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ବିଭିନ୍ନ ପ୍ରକାର ଫୁଲରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିବା ପାଇଁ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ସମିତି ସଭ୍ୟ ପ୍ରଦୀପ ସାହୁ, ପାଟରପଦା ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ, କୁଆଲୋ ସରପଞ୍ଚ ଅଜିତ ସାହୁ, ରେଣ୍ଡାପେଟ ସରପଞ୍ଚ ପ୍ରଶାନ୍ତ ନାୟକ ଏବଂ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ଭଜନ ଏବଂ ସଂକୀର୍ତ୍ତନରେ ପରିବେଶ ଭକ୍ତିମୟ ହୋଇଉଠିଥିଲା। ରାମନବମୀ ପୂଜା ଅବସରରେ ଏକ ବିଶାଳ ପଟୁଆର ଗ୍ରାମ ପରିକ୍ରମା କରିଥିଲା। ରାମନବମୀ ପାଇଁ ଗ୍ରାମର ଯୁବଗୋଷ୍ଠୀ ଏବଂ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଆମ୍ବପଳସ ଗ୍ରାମରେ ମଧ ରାମନବମୀ ପାଳନ ହେଉଥିବାବେଳେ ଗ୍ରାମରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି।

# ୧୩୭ତମ ଅହମଦିଆ ମୁସ୍‌ଲିମ ପ୍ରତିଷ୍ଠା ଦିବସ



**ଢେଙ୍କାନାଳ,୨୭।୩(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ଜାମା ମସଜିଦରେ ଗୁରୁବାର ସନ୍ଧ୍ୟାରେ ୧୩୭ତମ ଅହମଦିଆ ମୁସଲିମ ପ୍ରତିଷ୍ଠା ଦିବସ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଧାର୍ମିକ ସଭାରେ ଗୁଣ୍ଡିଚାପଡା ଅହମଦିଆ ମୁସ୍‌ଲିମ ଜମାଅତ୍‌ର ସଭାପତି ସୁଲେମାନ ଅଲ୍ଲୀ ଖାଁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପାଲା ଗାୟକ ପିୟୁଷ ବିଶ୍ୱନାଥ ସ୍ୱାଇଁ ଓ ଜ୍ଞାନଭୂଷଣ ଡ. ଶିଶିର କୁମାର ପାଢୀ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି କହିଲେ ଯେ, ମାନବ ସେବା ହିଁ ମାଧବ ସେବା । ତେଣୁ ସମସ୍ତ ମାନବତାର ପଥରେ ଆଗେଇ ଯିବାକୁ ସେ ଆହ୍ୱାନ ଦେଇଥିଲେ । ମୌଲବୀ ଜଲାଲୁଦ୍ଦିନ ଖାଁଙ୍କ ଦ୍ୱାରା କୋରାନପାଠ ଓ ଅସକରଉଦ୍ଦିନ ନଜମ ପରିବେଷଣ କରିଥିଲେ । ମୌଲବୀ ମୁଜାଫର ଖାଁ ଓ ଜଲାଲୁଦ୍ଦିନ ଖାଁ ପ୍ରତିଷ୍ଠା ଦିବସର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସମାରୋହରେ ଗ୍ରାମ ଉପସଚିବ ସ୍ୱଦେଶ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଆୟୁବ ଖାଁ, ଉପସଭାପତି ଇଦରିଶ ଖାଁ, ଯୁବ ସଂଗଠନ ଅଧ୍ୟକ୍ଷ ସୁଲେମାନ ଖାଁ, ପୂର୍ବ ସଭାପତି ମହମ୍ମଦ ଖାଁ, ସଲିମଉଦ୍ଦିନ ଖାଁ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଫର୍ଜୁଲା ଖାଁ ଓ ତୋରାବ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ବିଧାୟିକା

**ସାତମାଇଲ, ୨୭।୩ (ସୁଶାନ୍ତ ପତି)**

ହିନ୍ଦୋଳ ଥାନା ନୂଆବଗ ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ଗାଣ୍ଡୁ ବିଶ୍ୱାଳ, ସିପୁନ ବିଶ୍ୱାଳ, ନରିଆ ବିଶ୍ୱାଳ ଓ ଭାସ୍କର ପ୍ରଧାନଙ୍କ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ ଶୁକ୍ରବାର ନୂଆବଗ ଗ୍ରାମକୁ ଯାଇ ଅଗ୍ନିବିପନ୍ନ ପରିବାର ବର୍ଗଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଉକ୍ତ ପରିବାରକୁ କିପରି ତୁରନ୍ତ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ମିଳିପାରିବ ସେ ନେଇ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲୀପ କୁମାର ସେଠୀଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତ ପରିବାରକୁ ସରକାରଙ୍କ ତରଫରୁ ଆବାସ ଯୋଗାଇଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟିକାଙ୍କ ଗସ୍ତ ସମୟରେ ଢେଙ୍କାନାଳ ଲୋକ ସଭା ଏମ୍‌ପି ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର, ଜିଲାପରିଷଦ ସଦସ୍ୟ ସୁମନ୍ତ ଦେହୁରି, ଭାଜପା ନେତା ମନୋଜ କୁମାର ପଟ୍ଟନାୟକ, ପ୍ରେମାନନ୍ଦ ପଟାନାୟକ, ଅଶୋକ ରାଉତ, ପ୍ରବୋଧ ପ୍ରଧାନ, ସଞ୍ଜୟ ପାଳ, ବାନାମ୍ବର ପତି, ସୋଭାଗ୍ୟ ସାହୁ, ପଟେଲ ସାହୁ, ଦୀପକ ପଟନାୟକ, ସରସ୍ୱତୀ ପଟନାୟକ, ପୁଷ୍ପଲତା ପଟନାୟକ, ନେଙ୍କୁ ପଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ସ୍ୱର୍ଗତ ଖଗେଶ୍ୱର ବିଶ୍ୱାଳଙ୍କ ବାସଭବନକୁ ଯାଇ ଶୋକାକୁଳ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।

# ମହାବୀର ସ୍ୱେଚ୍ଛାସେବୀ ସଙ୍ଗଠନର ବାର୍ଷିକ ଉତ୍ସବ

**ଓଡ଼ାପଡ଼ା, ୨୭।୩ (ରଞ୍ଜିତ ନାୟକ)**





ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ଼ଠାରେ ରାମନବମୀ ଉତ୍ସବ ଅବସରରେ ମହାବୀର ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ସୌମ୍ୟରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ, ସମ୍ମାନିତ ଅତିଥି ରୂପେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର, ଢ଼େଙ୍କାନାଳ ଜିଲା ଭାଜପା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପତି, ଭାଜପା ନେତା ସହଦେବ ପୃଷ୍ଟି, ଇତିଶ୍ରୀ ସାହୁ, ମଣ୍ଡଳ ସଭାପତି ଶିବଶକ୍ତି ମହାନ୍ତି, ଜଗବନ୍ଧୁ ଦଳେଇ, ପ୍ରଦୀପ କୁମାର ବେହେରା, ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା ଯୋଗଦେଇ ମହାବୀର ସ୍ୱେଚ୍ଛାସେବୀ ସଂଗଠନର ଅନେକ ମହତ କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହିତ ଉତ୍ତରୋତ୍ତର କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶରଣ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ମୁଖ୍ୟ ବିଷ୍ଣୁ ବାବାଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ମଙ୍ଗରାଜ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସଦସ୍ୟମାନେ ସହଯୋଗ କରିଥିଲେ। ଏହାସହିତ ରାମମନ୍ଦିରରେ ରାମନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ରାମମନ୍ଦିର ମୁଖ୍ୟ ଶୁକଦେବ ଦାସ ମହାରାଜା ପରିଚାଳନା କରିଥିବା ବେଳେ ଭକ୍ତମାନେ ସହଯୋଗ କରିଥିଲେ।

# ସଚେତନ ହେଲେ ନିଶାମୁକ୍ତ ଅଭିଯାନ ସଫଳ ହେବ

**ଢେଙ୍କାନାଳ,୨୭।୩(ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ମହିଳା ଡିଗ୍ରୀ କଲେଜ ପରିସରରେ ନିଶାମୁକ୍ତ ଭାରତ ଅଭିଯାନରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ଓ ଐରା ସ୍ୱେଚ୍ଛାସେବୀ ଜରିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷା ଡ. ଅଳକା ପଣ୍ଡା, ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ସ୍ନେହାଞ୍ଜଳି ପଣ୍ଡା, ସଂସ୍କୃତି ଅଧ୍ୟାପକ ଦୀପକ ରଞ୍ଜନ ବିଶ୍ୱାଳ, ଇତିହାସ ଅଧ୍ୟାପକ ଆଶିଷ କୁମାର ମହାନ୍ତି, ଏଜୁକେଶନ ଅଧ୍ୟାପିକା ବିଜୟଲକ୍ଷ୍ମୀ ମହାନ୍ତି ଓ ଇଂରାଜୀ ଅଧ୍ୟାପିକା ସୁରମା ପ୍ରଧାନ ପ୍ରମୁଖ ଯୋଗଦେଇ ନିଶା ନିବାରଣ ପାଇଁ ସମସ୍ତେ ସଚେତନ ହେବା ସହିତ ଅନ୍ୟକୁ ଏଥିରୁ ବାରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଐରା ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ମଳୟ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ପୂର୍ବତନ ଏମ୍‌ପିଙ୍କ ବିୟୋଗରେ ଶୋକ

**ସାତମାଇଲ,୨୭।୩(ସୁଶାନ୍ତ ପତି)**

ପୂର୍ବତନ ଲୋକ ସଭା ଏମ୍‌ପି ନାରାୟଣ ସାହୁଙ୍କ ବିୟୋଗରେ ଢେଙ୍କାନାଳ ଭାଜପା ପକ୍ଷରୁ ଶୁକ୍ରବାର ଶୋକବ୍ୟକ୍ତ କରାଯାଇଛି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲା ଭାଜପା ସଭାପତି ରାସବିହାରୀ ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ସୁଶାନ୍ତ ପତି, ମାତୃପ୍ରସାଦ ନନ୍ଦ, ଜିଲାର ସମସ୍ତ ପଦାଧିକାରୀ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଏମ୍‌ପି ରୁଦ୍ର ନାରାୟଣ ପାଣି ସ୍ୱର୍ଗତ ନାରାୟଣ ସାହୁଙ୍କ ନାତୁଣୀ ତଥା ବ୍ରହ୍ମାଗିରି ବିଧାୟିକା ଉପାସନା ମହାପାତ୍ରଙ୍କୁ ଫୋନ୍ ଯୋଗେ କଥାହୋଇ ସମବେଦନା ଜଣାଇଛନ୍ତି ।

# ଶ୍ରୀମୁଳା ସ୍ୱାସ୍ଥ୍ୟକେନ୍ଦ୍ରରେ କର୍କଟରୋଗ ସ୍କ୍ରିନିଂ କ୍ୟାମ୍ପ





**ଢେଙ୍କାନାଳ,୨୭।୩(ରତନ ନାୟାର)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଶ୍ରୀମୁଳା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କର୍କଟ ରୋଗ ସ୍କ୍ରିନିଂ କ୍ୟାମ୍ପ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କର୍କଟରୋଗ ବଶେଷଜ୍ଞ ଡା. ଅଞ୍ଜନା ରିଗୋନ, ନର୍ସିଂ ଅଫିସର ମିନାକ୍ଷୀ ଗୋରେଇ ଓ ସୁମିତ୍ରା କିଶାନ, ରେଡିଓଗ୍ରାଫର ପୂଜା ମୁଖି ଓ ବିଜୟଲକ୍ଷ୍ମୀ ନାୟକଙ୍କ ଦ୍ୱାରା ୪ଜଣଙ୍କ ଜରାୟୁ କର୍କଟ, ୧୦ଜଣଙ୍କ ସ୍ତନ କର୍କଟ ଓ ଅନ୍ୟ କେତେକଙ୍କ ମୁଖ ଗହ୍ୱର କର୍କଟ ରୋଗ ସ୍କ୍ରିନିଂ କରାଯାଇଥିଲା । ଫାଉଣ୍ଡେଶନ ପକ୍ଷରୁ ବିଭୁ ପ୍ରସାଦ ମହାନ୍ତି, ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ଜନ ଆରୋଗ୍ୟ ସମିତି ସଭାପତି ଅଶୋକ କୁମାର ବେହେରା ପ୍ରମୁଖ ଯୋଗଦେଇ କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ତୁମୁସିଙ୍ଗା, ଶ୍ରୀମୁଳା, ଧୋବାବାହାଲୀ, କଣ୍ଡାପାଳ, ଗାଙ୍ଗିଯୋଡି ଆଦି ଗ୍ରାମର ୨୫ଜଣ ଏହି ସ୍କ୍ରିନିଂ କ୍ୟାମ୍ପରେ ଉପକୃତ ହୋଇଥିଲେ । ଆୟୁଷ ଡାକ୍ତର ଫାଲଗୁନୀ ମିଶ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ କଳ୍ପନା ମଲ୍ଲିକ ଏବଂ ଶ୍ରୀମୁଳା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ‘ଯୁଦ୍ଧ ନୁହେଁ, ବିଶ୍ୱ ଶାନ୍ତି ଚାହେଁ’ ବାର୍ତ୍ତା ପ୍ରଦାନ

## ଢେଙ୍କାନାଳରେ ବିଶ୍ୱ ନାଟ୍ୟ ଦିବସ





ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟ୍ୟ ପଦଯାତ୍ରା ।

**ଢେଙ୍କାନାଳ,୨୭।୩(ରତନ ନାୟାର)-** ଢେଙ୍କାନାଳର ପ୍ରମୁଖ ନାଟ୍ୟ ଅନୁଷ୍ଠାନ ଅଲଟରନେଟିଭ୍ ରିଦିମ ଥିଏଟର ପକ୍ଷରୁ ଶୁକ୍ରବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଚଳିତବର୍ଷ ଅନୁଷ୍ଠାନର କଳାକାରମାନେ ଧଳା ପାରା ପୋଷାକରେ ପଦଯାତ୍ରାରେ ସାମିଲ ହୋଇ ‘ଯୁଦ୍ଧ ନୁହେଁ, ବିଶ୍ୱ ଶାନ୍ତି ଚାହେଁ’ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ । ସମସ୍ତଙ୍କ ହାତରେ ଥିବା ପ୍ଲାକାର୍ଡ ନାଟକର କଥା, ବିଶ୍ୱ ଶାନ୍ତିର କଥା, ବ୍ୟକ୍ତିତ୍ୱ ବିକାଶ ଓ ସୁସ୍ଥ ସମାଜର ବାର୍ତ୍ତା ପ୍ରଦାନ କରିଥିଲା। ଏହି ଉପଲକ୍ଷେ ସକାଳ ୭ଟାରେ ବାଜିଚୌକଠାରେ ଅଲଟରନେଟିଭ୍ ରିଦିମ ଥିଏଟର ଆହ୍ୱାନରେ ବିଭିନ୍ନ ଅନୁଷ୍ଠାନର କଳାକାର, ଶିକ୍ଷାର୍ଥୀ, ସମାଜସେବୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଏକାଠି ହୋଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଅତିଥି ଭାବେ କଳାପରିଷଦ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ବିଶିଷ୍ଟ ନାଟ୍ୟକାର ଦିଲିଶ୍ୱର ମହାରଣା, ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, କବି ବାହାଦୁର ପାଟସାହାଣୀ, ବିଶିଷ୍ଟ ସଙ୍ଗୀତ ଗୁରୁ ଯାମିନୀ ରଞ୍ଜନ ଦାସ, ସନ୍ଧ୍ୟାତାରା ସାହିତ୍ୟ ସଂସଦ ସମ୍ପାଦକ ବିଭୂତି ଭୂଷଣ ବେହେରା, ପ୍ରମୋଦ ପରିଡା, ପ୍ରମୋଦ ନାୟକ, ନୃତ୍ୟଗୁରୁ ସବିତା ଧୀର, ଗଣମାଧ୍ୟମ ପ୍ରତିନିଧି ଆଦିତ୍ୟ ପଣ୍ଡା ଓ ସୁଶାନ୍ତ କୁମାର ପାଣି ପ୍ରମୁଖ ଯୋଗଦେଇ ନାଟକର ଆବଶ୍ୟକତା ଉପରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଅନୁଷ୍ଠାନର ଉପସଭାପତି ମନୋହର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପରେ ଚଳିତ ବର୍ଷ ପାଇଁ ବିଶ୍ୱ ନାଟ୍ୟ ବାର୍ତ୍ତା ପ୍ରଦାନ କରିଥିବା ଆମେରିକାର ବିଶିଷ୍ଟ ଅଭିନେତା ୱିଲିୟମ ଡାଫୋଙ୍କ ଦ୍ୱାରା ଲିଖିତ ବାର୍ତ୍ତାକୁ ପାଠ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ପଦଯାତ୍ରାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଆଦୃତା ଶିଶୁଗୃହର ଅନ୍ତେବାସୀମାନେ ସାମିଲ ହୋଇଥିଲେ । ମିନି ଷ୍ଟାଡିୟମଠାରେ ପଦଯାତ୍ରା ଶେଷହୋଇ ସେଠାରେ ପଥପ୍ରାନ୍ତ ନାଟ୍ୟ ଆଲୋଚନା ହୋଇଥିଲା । ନାଟକ କେବଳ ମନୋରଞ୍ଜନ ପାଇଁ ନୁହେଁ, ଅଧିକନ୍ତୁ ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ସଫଳ ଚିକିତ୍ସା ପଦ୍ଧତି ବୋଲି ମତପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମକୁ ଜୟଚନ୍ଦ୍ର ମହାପାତ୍ର, ନିରଞ୍ଜନ ମହାନ୍ତି, କାମାକ୍ଷା ପ୍ରସାଦ ରଣା, କାର୍ତ୍ତିକ ମହାପାତ୍ର, ତୁଷାରବାଳା ମହାନ୍ତି, ଦେବଯାନୀ ଦାସ, ସୁବାସିନୀ ସେଠୀ, ସୁଶାନ୍ତ କର, ପ୍ରମୋଦ କୁମାର ଦାସ, ଆଶୁତୋଷ ପାଢୀ, ସତ୍ୟଜିତ ରାଉତ, ବିଶ୍ୱଜିତ ସାହୁ, ମାନସ କୁମାର ସାହୁ, ବିବେକାନନ୍ଦ ବେହେରା, ପୁରୁଷୋତ୍ତମ ବେହେରା ଓ ସୁରଜ ବିଶ୍ୱାଳ ପ୍ରମୁଖ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲେ ।

